بسم الله الرحمٰن الرحيم

**ଖୁତବା ଜୁମା ୧୫ ଅକ୍ଟୋବର ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ଟେଲଫୋର୍ଡ୍ ୟୁ.କେ**

# ଆଁହଜ୍ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ମାର୍ଗଦର୍ଶନକାରୀ ଖଲିଫା, ଶ୍ରେଷ୍ଠ ଫାରୁକ୍ ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନଓ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ହ. ଉମର୍ ର.ଅଙ୍କ ଶାହାଦତ୍ ସଂକ୍ରାନ୍ତରେ ସହୀ ବୁଖାରୀର ବର୍ଣ୍ଣନାରୁ ଜଣାପଡ଼େ ଯେ, ହ. ଉମର ର.ଅଙ୍କ ଉପରେ ଆକ୍ରମଣ ନମାଜ ଫଜର ସମୟରେ ହୋଇଥିଲା । ଅନ୍ୟ ପଟରେ ସହୀ ବୁଖାରୀରେ ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହ. ଇବ୍‌ନେ ଅବ୍‌ବାସ୍ ର.ଅ କହନ୍ତି ଯେ, ହ. ଉମର୍ ର.ଅଙ୍କ ଅଧିକ ରକ୍ତ ବହିବା ଯୋଗୁଁ ସେ ନିସ୍ତେଜ ଏବଂ ଚେତାଶୂନ୍ୟ ହୋଇ ପଡ଼ିଥିଲେ । ମୁଁ ତାଙ୍କୁ ଉଠାଇ ତାଙ୍କ ଘରେ ପହଞ୍ଚାଇ ଦେଲି । ସକାଳ ଆଲୋକରେ ଯେତେବେଳେ ହ. ଉମର୍ ର.ଅଙ୍କ ଚେତା ଫେରିଲା ସେତେବେଳେ ଆପଣ ର.ଅ ଲୋକମାନଙ୍କୁ ପଚାରିଲେ ଯେ, କ'ଣ ସେମାନେ ନମାଜ ପଢି ନେଇଛନ୍ତି ? ପ୍ରତ୍ୟୁତ୍ତରରେ ହ. ଉମର୍ ର.ଅ କହିଲେ, ଯେଉଁ ବ୍ୟକ୍ତି ଫଜର ନମାଜ ଛାଡ଼ି ଦିଏ ସେହି ବ୍ୟକ୍ତିର ଇସଲାମ୍ ଧର୍ମ ସହିତ କୌଣସି ସଂପର୍କ ନାହିଁ । ଏହାପରେ ହ. ଉମର୍ ର.ଅ ୱଜୁ କଲେ ଏବଂ ନମାଜ ପାଠ କଲେ । ତବ୍‌କାତୁଲ୍ କୁବ୍‌ରାରେ ମଧ୍ୟ ଏହା ବର୍ଣ୍ଣିତ ହୋଇଛି ଯେ, ହ. ଉମର୍ ର.ଅଙ୍କୁ ଘରେ ପହଞ୍ଚାଇବା ପରେ ହ. ଅବଦୁର୍ ରହମାନ୍ ବିନ୍ ଅଓ୍ୱଫ୍ ନମାଜ ପଢେଇଥିଲେ । ସେହି ନମାଜରେ ସେ ଦୁଇଟି ଛୋଟ ସୁରତ୍ ପଢାଇଥିବାର ମଧ୍ୟ ଚର୍ଚ୍ଚା ମିଳେ ।

ତବ୍‌କାତେ କୁବ୍‌ରାରେ ଉଲ୍ଲେଖ ରହିଛି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ ର.ଅ ଯେତେବେଳେ ଲୋକମାନଙ୍କୁ ହ. ଉମର୍ ର.ଅଙ୍କ ଉପରେ ଛୁରୀମାଡ଼ କରିଥିବା ହତ୍ୟାକାରୀ ସଂପର୍କରେ ପଚାରିଲେ ସେତେବେଳେ ଲୋକମାନେ ହ. ମୁଗିରା ବିନ୍ ଶେବାଙ୍କ ଦାସ ଅବୁ ଲୁଲୁଙ୍କ ନାମ ନେଇଥିଲେ । ଏହି ଦାସ ଧରାପଡ଼ିବା ପରେ ନିଜ ଛୁରା ସାହାଯ୍ୟରେ ଆତ୍ମ ହତ୍ୟା କରିନେଲା । ଉକ୍ତ ବର୍ଣ୍ଣନାରୁ ଇତିହାସବିତ୍‌ଙ୍କ ଏହି ପ୍ରତିକ୍ରିୟା ମିଳେ ଯେ, ଅବୁ ଲୁଲ୍ ଫିରୋଜ୍ର ସାମୟିକ ଉତ୍ତେଜିତ ଓ କ୍ରୋଧରେ କ୍ରୋଧାନ୍ୱିତ ହ. ଉମର୍ ର.ଅଙ୍କୁ ହତ୍ୟା କରି ଶହୀଦ୍ କରିଦେଇଥିଲା । ଇତିହାସ ଏବଂ ଜୀବନୀ ଭଳି ଗୁରୁତ୍ୱପୂର୍ଣ୍ଣ ପୁସ୍ତକ **ଅଲ୍ ବଦାୟାହ୍ ୱନ୍‌ନହାୟି**ରେ ହ. ଉମର୍ ର.ଅଙ୍କ ହତ୍ୟାରେ ହର୍ମଜାନ ଏବଂ ଜଫିନା ଉପରେ ସନ୍ଦେହ ଫଳରେ ସାଂପ୍ରତିକ କେତେକ ଐତିହାସିକ ହ. ଉମର୍ ର.ଅଙ୍କ ହତ୍ୟାକୁ ନିୟମିତ ତଥା ପ୍ରାୟୋଜିତ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ବିବେଚିତ କରିଛନ୍ତି ଏବଂ ମଦିନାରେ ବାସ କରୁଥିବା ଉପର ଠଉରିଆ ଇରାନୀୟ ମୁସଲମାନମାନଙ୍କର ସେନାପତି ହର୍ମଜାନକୁ ତହିଁରେ ସଂପୃକ୍ତି ଥିବାରେ ବୋଲି ମନେ କରୁଥିଲେ ।

ମୁହମ୍ମଦ୍ ରଜା ସାହେବ ନିଜର ପୁସ୍ତକ ସିରତ୍ ଉମର୍ ଫାରୁକ୍ ର.ଅରେ ଉଲ୍ଲେଖ କରନ୍ତି ଯେ, ହ. ଉମର୍ ର.ଅ କୁ-ଫା'ର ଶାସକ ହ. ମୁଗିରା ବିନ୍ ଶେବା ର.ଅଙ୍କ ସୁପାରିଶ କ୍ରମେ ତାଙ୍କର ଏକ ଶିଳ୍ପକାର ଦାସ ଅବୁ ଲୁଲୁକୁ ଯିଏ କମାର, ଜଣେ ଅଭିଜ୍ଞ ଚିତ୍ରକର ଶିଳ୍ପୀ ଓ ସୁଦକ୍ଷ ବଢେଇ ଥିଲା ମଦିନା ଆସିବା ପାଇଁ ଅନୁମତି ପ୍ରଦାନ କରିଦେଲେ । ଦାସର ଅଭିଯୋଗ କ୍ରମେ ହ. ମୁଗିରା ର.ଅ ତା' ଉପରେ ମାସିକ ୧୦୦ ଦିରହମ୍ କର ଧାର୍ଯ୍ୟ କରିଦେଲେ । ହ. ଉମର୍ ର.ଅ ସେହି କର ତା' କାମରେ ଅଭିଜ୍ଞତା ଯୋଗୁଁ ହିଁ ଧାର୍ଯ୍ୟ କରିଥିଲେ । ଯେଉଁଥିରେ ସେ ଅପ୍ରସନ୍ନ ଓ ରୁଷ୍ଟ ହୋଇଥିଲା। ଦିନେ ହ. ଉମର୍ ର.ଅ ତାକୁ ପବନ ଚାଳିତ ଚକ୍କି ତିଆରି କରିବା ପାଇଁ ପଚାରିବାରୁ ଅବୁ ଲୁଲୁ କ୍ରୋଧରେ ଏବଂ ଅପ୍ରସନ୍ନତା ଅବସ୍ଥାରେ ଧମକ ଦେଇ କହିଲା ଯେ, ମୁଁ ଆପଣ ର.ଅଙ୍କ ପାଇଁ ଏଭଳି ଏକ ଚକ୍କି ପ୍ରସ୍ତୁତ କରିବି ଯେଉଁ ଚକ୍କିର ଲୋକମାନେ ପ୍ରଶଂସା କରିବେ । ସେ ହ. ଉମର୍ ର.ଅଙ୍କୁ ଶହୀଦ୍ କରିବା ପାଇଁ ଦୃଢ ସଂକଳ୍ପ କରି ମଧ୍ୟମ ଧରଣର ଏକ ମୁଠା ଥିବା ଦୁଇ ଧାରି ଛୁରୀ ପ୍ରସ୍ତୁତ କରି ତହିଁରେ ବିଷ ଲଗାଇ ଇରାନୀୟ ସେନାପତି ହର୍ମଜାନକୁ

ଦେଖାଇଲା । ସେ ହର୍ମଜାନକୁ କହିଲା ଯେ, ଏହି ଛୁରୀ ଦ୍ୱାରା ଯାହା ଉପରେ ବି ଆକ୍ରମଣ କରାଯିବ ସେ ମୃତ୍ୟୁ ବରଣ କରିବ । ହର୍ମଜାନକୁ ମୁସଲମାନମାନେ ତୁସ୍ତର ନାମକ ସ୍ଥାନରେ ବନ୍ଦୀ କରି ରଖିବା ପରେ ମଦିନା ପ୍ରେରଣ କରିଦେଇଥିଲେ । ହର୍ମଜାନ ପ୍ରାଣ ଭୟରେ ମୁସଲମାନ ହୋଇଯାଇଥିଲା ।

ତବ୍‌କାତେ ଇବ୍‌ନେ ସାଆଦ୍'ରେ ନାଫେଙ୍କ ବର୍ଣ୍ଣନାନୁଯାୟୀ ହ. ଅବ୍‌ଦୁର୍ ରହମାନ ବିନ୍ ଅୱ୍‌ଫ୍ ହର୍ମଜାନ ଓ ଜଫିନା ନିକଟରେ ସେହି ଛୁରୀକୁ ଦେଖିଲେ । ଯେଉଁ ଛୁରୀ ଦ୍ୱାରା ହ. ଉମର୍ ର.ଅଙ୍କୁ ଶହୀଦ୍ କରଯାଇଥିଲା । ଅପର ପକ୍ଷରେ ତବ୍ରୀରେ ଚର୍ଚ୍ଚିତ ସଇଦ୍ ବିନ୍ ମୁସୈବ୍ ର.ଅଙ୍କ ବର୍ଣ୍ଣନାନୁଯାୟୀ ଅବ୍‌ଦୁର୍ ରହମାନ ବିନ୍ ଅବି ବକ୍କର୍ ସେହି ଛୁରୀକୁ ଦେଖିଥିଲେ, ଯାହା ଅବୁ ଲୁଲୁ, ଜଫିନା ଏବଂ ହର୍ମଜାନଙ୍କ ମଧ୍ୟରେ କଥୋପକଥନ ସମୟରେ ଖସି ପଡ଼ିଥିଲା । ହ. ଉବୈଦୁଲ୍ଲାଃ ବିନ୍ ଉମର୍ ର.ଅଙ୍କୁ ଯେତେବେଳେ ଉକ୍ତ କଥା ସଂପର୍କରେ ଜ୍ଞାତ ହେଲା ସେତେବେଳେ ସେ ନିଜର ଖଡ଼୍‌ଗ ଦ୍ୱାରା ଉଭୟଙ୍କୁ ବଧ କରିଦେଲେ । ଅନ୍ୟ ଏକ ସ୍ଥାନରେ ବର୍ଣ୍ଣିତ ହୋଇଛି ଯେ, ହ. ଉବୈଦୁଲ୍ଲାଃ ବିନ୍ ଉମର୍ ର.ଅ ଯେତେବେଳେ ହର୍ମଜାନ ଉପରେ ଖଡ଼୍‌ଗ ଦ୍ୱାରା ଆକ୍ରମଣ କଲେ ସେତେବେଳେ ସେ **ଲା ଇଲାହା ଇଲ୍ଲଲ୍ଲାଃ** ପଢିଲା ଏବଂ ଯେତେବେଳେ ଜଫିନା ଉପରେ ଖଡ଼୍‌ଗ ଦ୍ୱାରା ଆକ୍ରମଣ କରାଗଲା ସେତେବେଳେ ସେ ନିଜର ଆଖି ଆଗରେ କ୍ରୁଶର ଚିହ୍ନ ଆଙ୍କିଲା । ଏତଦ୍‌ପରେ ସେ ଅବୁ ଲୁଲୁର ପୁତ୍ରୀଙ୍କୁ ମଧ୍ୟ ବଧ କରିଦେଲେ ।

ଏହିପରି ଅନ୍ୟ ଏକ ଜୀବନୀଲେଖାଳୀ ଡ଼ାଃ ମୁହମ୍ମଦ ହୁସୈନ୍ ହୈକଲ୍ ନିଜର ପୁସ୍ତକରେ ଉଲ୍ଲେଖ କରନ୍ତି ଯେ, ଇରାନୀୟ ଇହୁଦୀ ଏବଂ ଖ୍ରୀଷ୍ଟ ମୁସଲମାନମାନଙ୍କ ଠାରୁ ଶିକ୍ଷଣୀୟ ପରାଜୟ ବରଣ କରିବା ପରେ ନିଜ ମନରେ ଆରବବାସୀଙ୍କ ପ୍ରତି ବିଦ୍ୱେଷ ଭାବ ରଖୁଥିଲେ । ବିଶେଷ କରି ହ. ଉମର୍ ର.ଅଙ୍କ ପ୍ରତି ବୈରାଗ୍ୟ ଓ ବିଦ୍ୱେଷାଭାବର ଆବେଗକୁ ମନ ଭିତରେ ଲୁଚାଇ ବସିଥିଲେ । ସମ୍ଭବତଃ ଅବୁ ଲୁଲୁର ଏଭଳି ଆଚରଣ ପ୍ରଦର୍ଶନ କରିବାଟା ମଦିନାରେ ଅଣ ଆରବୀୟ ବିଧର୍ମୀମାନଙ୍କର ଏକ କ୍ଷୁଦ୍ର ଗୋଷ୍ଠୀର କ୍ରୋଧ ଏବଂ ପ୍ରତିଶୋଧ ପରାୟଣ ଷଡ଼ଯନ୍ତ୍ରର ପରିଣାମ । ହ. ଉମର୍ ର.ଅଙ୍କ ଯୋଗ୍ୟ ସନ୍ତାନ ଏହି ଷଡ଼ଯନ୍ତ୍ର ଉପରୁ ପରଦା ଉଠାଇ ତା'ର ମୂଳ ପର୍ଯ୍ୟନ୍ତ ପହଞ୍ଚି ପାରି ଥାଆନ୍ତେ । ଯଦି ଅବୁ ଲୁଲୁ ଫିରୋଜ୍ ଆତ୍ମ ହତ୍ୟା ନକରି ଥାଆନ୍ତା କିନ୍ତୁ ବିଧିର ବିଧାନ ଉକ୍ତ ଷଡ଼ଯନ୍ତ୍ର ପ୍ରତି ଇଙ୍ଗିତ କଲା । ହ. ଅବ୍‌ଦୁର୍ ରହମାନ ବିନ୍ ଅୱ୍‌ଫ୍ ର.ଅ ଓ ହ. ଅବ୍‌ଦୁର୍ ରହମାନ ବିନ୍ ଅବି ବକ୍କର୍ ର.ଅ ମୁସଲମାନମାନଙ୍କ ଠାରୁ ସର୍ବାଧିକ ଭରସା ଯୋଗ୍ୟ ସାକ୍ଷ୍ୟ ଦେଉଛନ୍ତି ଯେ, ଯେଉଁ ଛୁରୀ ଦ୍ୱାରା ହ. ଉମର୍ ର.ଅଙ୍କୁ ଶହୀଦ୍ କରାଗଲା ସେ ହର୍ମଜାନ ଏବଂ ଜଫିନାଙ୍କ ନିକଟରେ ଥିଲା ଏହାପରେ ସନ୍ଦେହର ଆଉ କୌଣସି ଅବକାଶ ରହୁ ନାହିଁ ଯେ, ହ. ଉମର୍ ର.ଅ ଏହିଭଳି ଷଡ଼ଯନ୍ତ୍ରର ଶିକାର ହେବାକୁ ପଡ଼ିଥିଲା ।

ସେ ଯାହା ହେଉ ନା କାହିଁକି ହ. ଉବୈଦୁଲ୍ଲାଃ ବିନ୍ ଉମର୍ ର.ଅଙ୍କ ପଦକ୍ଷେପ ନେବା ଆଇନଗତ ଅନୁମତି ହାସଲ ନଥିଲା । ଅତଏବ କୌଣସି ବ୍ୟକ୍ତିଙ୍କୁ ଏହି ଅଧିକାର ନଥିଲା ଯେ, ସେ ପ୍ରତିଶୋଧ ନେବା ପାଇଁ ସ୍ୱୟଂ ଛିଡ଼ା ହୋଇଯାଉ କିମ୍ବା ନିଜର ଅଧିକାରକୁ ହାସଲ କରିନେଉ । ଯଦିଓ ମାମଲାର ବିଚାର ରସୁଲୁଲ୍ଲାଃ ସ.ଅ ଏବଂ ଆପଣ ସ.ଅଙ୍କ ପରବର୍ତ୍ତୀ ଖଲିଫାମାନଙ୍କ ସକାଶେ ନିର୍ଦ୍ଦିଷ୍ଟ ଥିଲା । ତେଣୁ ସେମାନେ ଲୋକମାନଙ୍କ ମଧ୍ୟରେ ନ୍ୟାୟ ସଙ୍ଗତ ବିଚାର କରୁଥିଲେ ଏବଂ ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆଦେଶ ଦେଉଥିଲେ । ସେ ଯୁଗର କେତେକ କ୍ରମିକତା ଦୃଷ୍ଟିକୋଣରୁ ଏହା ଉପରେ ଯୁକ୍ତିତର୍କ କରୁଛନ୍ତି ଏବଂ ସେମାନଙ୍କର ପ୍ରମାଣ ଭିତ୍ତିହୀନ ନୁହେଁ ବୋଲି ପ୍ରତୀତ ହେଉଛି । ହ. ଉସ୍‌ମାନ ର.ଅ ମଧ୍ୟ ଏହିପରି ଏକ ଷଡ଼ଯନ୍ତ୍ରର ଶିକାର ହୁଅନ୍ତି । ତହିଁରୁ ଏହି ସନ୍ଦେହଟି ଆହୁରି ଦୃଢୀଭୂତ ହେଉଛି ଯେ, ଇସ୍‌ଲାମ୍‌ର କ୍ରମାଗତ ବୃଦ୍ଧିକୁ ରୋକିବା ପାଇଁ ଏବଂ ନିଜର ପ୍ରତିଶୋଧର ନିଆଁକୁ ଶୀତଳ କରିବା ପାଇଁ ବାହ୍ୟିକ ତତ୍ତ୍ୱର ଏକ ଷଡ଼ଯନ୍ତ୍ରାନୁଯାୟୀ ହ. ଉମର୍ ର.ଅଙ୍କୁ ଶହୀଦ୍ କରି ଦିଆଯାଇଥିଲା । ଅଲ୍ଲାଃତାଲା ହିଁ ସକଳ ବିଷୟ ଭଲ ରୂପେ ଜାଣନ୍ତି । ହ. ମୁସ୍‌ଲେହ୍ ମଉଦ୍ ର.ଅ ଆୟତ୍ **ୱଲୟୁବଦ୍‌ଦିଲନ୍ନହୁମ୍ ମିମ୍ ବାଦିହି ଖୌଫିହିମ୍ ଅମ୍‌ନା**ର ବ୍ୟାଖ୍ୟା କରି ବର୍ଣ୍ଣନା କରନ୍ତି ଯେ, ଖଲିଫାମାନଙ୍କ ଉପରେ ଏଭଳି କୌଣସି ବିପତ୍ତି ଆସି ନାହିଁ ଯେଉଁ ବିପତ୍ତି ଦ୍ୱାରା ସେମାନ ଭୟଭୀତ ହୋଇଥିବେ । ଯଦି ଆସିବି ଥାଏ ତେବେ ଅଲ୍ଲାଃତାଲା ସେମାନଙ୍କର

ସେହି ବିପତ୍ତି ଓ ଭୟପ୍ରଦ ଅବସ୍ଥାକୁ ଶାନ୍ତିମୟ ଅବସ୍ଥାରେ ରୂପାନ୍ତରିତ କରିଦେଇଛନ୍ତି । ହ. ଉମର୍ ର.ଅ ଉକ୍ତ ଶାହାଦତ ପ୍ରତି କୌଣସି ଭୟ ନଥିଲା । ବରଂ ସେ ଅହରହ ଦୁଆ କରୁଥିଲେ ଯେ, ହେ ପ୍ରଭୁ ! ମୋତେ ଶାହାଦତ୍ ପ୍ରଦାନ କର ଏବଂ ମୋତେ ମଦିନାରେ ହିଁ ଶହାଦତ୍‌ର ସୌଭାଗ୍ୟ ପ୍ରଦାନ କର । ଆମେ କିପରି କହିପାରିବା ଯେ, ତାଙ୍କ ଉପରେ କୌଣସି ଭୟଙ୍କର ବିପତ୍ତିର ଘଡ଼ି ଆସିନଥିଲା କିନ୍ତୁ ତାଙ୍କର ସେହି ଭୟପ୍ରଦ ପରିସ୍ଥିତିକୁ ଅଲ୍ଲାଃତାଲା ଶାନ୍ତିରେ ରୂପାନ୍ତରିତ କରିଥିଲେ । ନିଃସନ୍ଦେହ ଅଲ୍ଲାଃତାଲା ହ. ଉମର୍ ର.ଅଙ୍କ ଦୁଆକୁ ମଧ୍ୟ ସ୍ୱୀକାର କରି ଏଭଳି ସମ୍ବଳ ସୃଷ୍ଟି କରିଦେଲେ ଯଦ୍ୱାରା ଇସ୍‌ଲାମ୍‌ର ଆତ୍ମସମ୍ମାନ ମଧ୍ୟ ବଜାୟ ରହିଲା । ସୁତରାଂ ମଦିନାରେ ବାହ୍ୟ ସୈନ୍ୟ ଶତ୍ରୁଙ୍କର ଆକ୍ରମଣ କରନ୍ତେ ଆଭ୍ୟନ୍ତରରୁ ହିଁ ଜଣେ ଖଳ ତଥା ଦୁଷ୍ଟ ବ୍ୟକ୍ତି ଉଠିଲା ଏବଂ ଏକ ଛୁରୀମାଡ଼ କରି ହ. ଉମର୍ ର.ଅଙ୍କୁ ଶହୀଦ୍ କରିଦେଲା ।

ହ. ଉମର୍ ର.ଅଙ୍କ ଶାହାଦତ୍‌କୁ ଭିତ୍ତି କରି ଏବଂ ଏହାର କାରଣମାନ ସଂପର୍କରେ ବର୍ଣ୍ଣନା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ ଇସ୍‌ଲାମ୍ ଧର୍ମରେ କ୍ରୀତଦାସମାନଙ୍କର ସ୍ୱାଧୀନତା ସଂପର୍କିତ ଇସ୍‌ଲାମୀୟ ଶିକ୍ଷା ସଂପର୍କରେ ଉଲ୍ଲେଖ କରି କହିଲେ : ଅର୍ଥାତ ଦାସମାନଙ୍କ ଠାରୁ କୌଣସି କ୍ଷତିପୂରଣ ନନେଇ ସେମାନଙ୍କୁ ଖଲାସ ଅର୍ଥାତ ମୁକ୍ତ କରିଦିଅ । ଏସବୁ ସତ୍ତ୍ୱେ ଯଦି କୌଣସି ଦାସ ନିଜର କ୍ଷତିପୂରଣ ଦେଇ ନପାରେ ତେବେ ସେ ପରିପ୍ରେକ୍ଷୀରେ ସେହି ଦାସ ତୁମକୁ ନୋଟିସ୍ (ବିଜ୍ଞପ୍ତି) ଦେଇ ନିଜର କ୍ଷତିପୂରଣ କିସ୍ତି ଆକରରେ ଧାର୍ଯ୍ୟ କରିପାରିବ । ହ. ଉମର୍ ର.ଅଙ୍କୁ ଏହିଭଳି ଜଣେ ଦାସ ଶହୀଦ୍ କରିଥିଲା ଯାହା ସହିତ ପାରସ୍ପରିକ ପତ୍ରାଳାପ ହୋଇଥିଲା । ହ. ଉମର୍ ର.ଅଙ୍କ ସମୟରେ ଏକ ମକଦ୍ଦମା ତାଙ୍କ ନିକଟକୁ ଆସିଲା । ଜଣେ ବ୍ୟକ୍ତି ଆୟ ବହିର୍ଭୂତ ଅର୍ଥ ଉପାର୍ଜନ କରୁଥିଲା । ତଥାପି ସେ ନିଜ ମାଲିକକୁ ଖୁବ କମ୍ ଟଙ୍କା ଦେଉଥିଲା । ହ. ଉମର୍ ର.ଅ ସେହି ଦାସକୁ ଡ଼କାଇଲେ ଏବଂ ତାକୁ କହିଲେ ଯେ, ତୁମେ ସାଢେ ତିନି ଅଣା ନିଜ ମାଲିକକୁ ପରିଶୋଧ କର । ସୁତରାଂ ହ. ଉମର୍ ର.ଅଙ୍କ ଏଭଳି ନିଷ୍ପତ୍ତି ଯୋଗୁଁ ସେ ଅତ୍ୟନ୍ତ କ୍ରୋଧିତ ହୋଇଗଲା ଏବଂ ସେ ନିଜ ମନରେ ଏହା ଭାବିଲା ଯେ, ମୁଁ ଜଣେ ଇରାନୀୟ ନାଗରିକ ତେଣୁ ମୋ ବିପକ୍ଷରେ ଏଭଳି ବିଚାର କରାଯାଇଛି ଏବଂ ମୋର ମାଲିକ ଜଣେ ଆରବୀୟ ବ୍ୟକ୍ତି ହୋଇଥିବାରୁ ତାଙ୍କ ପ୍ରତି ନମ୍ର ଓ କୋହଳ ନିଷ୍ପତ୍ତି କରାଯାଇଛି । ସୁତରାଂ ଏହି କ୍ରୋଧର ନିଆଁରେ ସେ ଦଗ୍ଧୀଭୂତ ହୋଇ ତା' ଆରଦିନ ହିଁ ହ. ଉମର୍ ର.ଅଙ୍କ ଉପରକୁ ଛୁରୀ ମାଡ଼ ତଥା ମରଣାନ୍ତକ ଆକ୍ରମଣ କରିଦେଲା । ଫଳତଃ ସେହି ଆହତ ଓ କ୍ଷତାକ୍ତ ଅବସ୍ଥାରେ ହିଁ ହ. ଉମର୍ ର.ଅ ଶହୀଦ୍ ହୋଇଗଲେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି ଯେ, ମୁଁ ଏହି ମର୍ମନ୍ତୁଦ ଘଟଣାର ଚର୍ଚ୍ଚା କରି କହିଛି, ଏହାର ଇସ୍‌ଲାମ୍ ଉପରେ ଆଜି ପର୍ଯ୍ୟନ୍ତ ଯେଉଁ ପ୍ରଭାବ ରହିଛି ତାହା ଏହିପରି ଯେପରିକି ମୃତ୍ୟୁ । ମୃତ୍ୟୁ ତ' ସର୍ବଦା ମନୁଷ୍ୟ ସହିତ ଲାଗି ରହିଥାଏ । କିନ୍ତୁ ଏଭଳି ପରିସ୍ଥିତିରେ ମୃତ୍ୟୁ ଆସିବାର କେହି କଳ୍ପନା ମଧ୍ୟ କରି ନଥିବେ ଯେ, ଜଣେ ବ୍ୟକ୍ତି ଠାରେ ବଳ ଓ ଶକ୍ତି ଥାଏ, କିନ୍ତୁ ଯେତେବେଳେ ତା'ର ବଳ ଓ ଶକ୍ତି ଦୁର୍ବଳ ହୋଇଯାଏ ଏବଂ ତା' ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଆଡ଼କୁ ଗତି କରେ ସେତେବେଳେ ଲୋକମାନଙ୍କ ମସ୍ତିଷ୍କରେ ସ୍ୱତଃସ୍ଫୂର୍ତ୍ତଃ ଆଗାମୀ ବ୍ୟବସ୍ଥା ସଂକ୍ରାନ୍ତରେ ଭାବିବା ପ୍ରତି ଜ୍ଞାନ ଉଦ୍ରେକ ହୋଇଥାଏ । ଏହି କାରଣରୁ ଯେତେବେଳେ ଇମାମ୍ (ଧର୍ମାଚାର୍ଯ୍ୟ)ଙ୍କର ଯେତେବେଳେ ମୃତ୍ୟୁ ଘଟେ ସେତେବେଳେ ଲୋକମାନେ ଖୁବ୍ ସତର୍କ ହୋଇଥାଆନ୍ତି । କାରଣ ହ. ଉମର୍ ର.ଅ ଜଣେ ଶକ୍ତିଶାଳୀ ବ୍ୟକ୍ତି ଥିଲେ ଏବଂ ତାଙ୍କର ଜରାବସ୍ଥା ଆସି ନଥିଲା ତାଙ୍କୁ ସେତେବେଳେ ମାତ୍ର ୬୩ ବର୍ଷ ବୟସ ହୋଇଥିଲା । କିନ୍ତୁ ସାହାବାମାନଙ୍କ ବୁଦ୍ଧିରେ ଏହି କଥା ନଥିଲା ଏବଂ ସେମାନେ ଏହାକୁ ସହଜରେ ଗ୍ରହଣ କରିପାରୁ ନଥିଲେ ଯେ, ହ. ଉମର୍ ର.ଅ ସେମାନଙ୍କ ଠାରୁ ଏତେ ଶୀଘ୍ର ବିଦାୟ ନେଇଯିବେ । ତେଣୁ ମୁସଲମାନମାନେ ଆଗାମୀ ବ୍ୟବସ୍ଥା ଠାରୁ ସଂପୂର୍ଣ୍ଣ ରୂପେ ଅବଚେତନ ଓ ଅଜ୍ଞ ଥିଲେ କି ହଠାତ୍ ହ. ଉମର୍ ର.ଅଙ୍କ କାଳ ବିୟୋଗ ଆସି ସେମାନଙ୍କ ଆଗରେ ଛିଡ଼ା ହୋଇଗଲା । ସାହାବା ଓ ମୁସଲମାନମାନଙ୍କର ଜମାଅତ୍ ସେତେବେଳେ ଅନ୍ୟ ଇମାମ୍‌ଙ୍କୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ । ସେତେବେଳେ ବିନା ପ୍ରସ୍ତୁତି ଫଳରେ ଏହା ଘଟିଲା ଯାହାକୁ ସେମାନେ ଆଶା ମଧ୍ୟ କରି ନଥିଲେ । ହ. ଉସ୍‌ମାନ୍ ର.ଅଙ୍କ ପ୍ରତି ସେହି ମୋହଟି ସୃଷ୍ଟି ହୋଇ ନଥିଲା ଯାହା ହେବା କଥା । ଏହି କାରଣରୁ ଇସ୍‌ଲାମ୍ ପାଇଁ ଏଭଳି ଅଭାବନୀୟ ଓ ଅକଳ୍ପନୀୟ ଦୁରାବସ୍ଥା

ଆସିଗଲା ଏବଂ ହ. ଅଲୀ ର.ଅଙ୍କ ସମୟରେ ତ' ଏହି ମୁହୂର୍ତ୍ତଟି ଆହୁରି ଘଡ଼ି ସନ୍ଧି ହୋଇପଡ଼ିଥିଲା । ଏହା ମଧ୍ୟ ଉପଦ୍ରବର ଅନ୍ୟ ଏକ କାରଣ ଥିଲା ଯାହାକୁ ପରବର୍ତ୍ତୀ ପର୍ଯ୍ୟାୟରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ନିକଟରେ କାରଣ ରୂପେ ବିବେଚିତ କରିଥିଲେ ।

ତେଣୁ ଉପଦ୍ରବ ସମୟରେ ନମାଜ ପାଠକାରୀଙ୍କୁ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ କିଛି ମୁସଲମାନମାନେ ପ୍ରହାର ଦେବା ଅଭିଯୋଗ କିମ୍ବା ଆପତ୍ତିର ବିଷୟ ନୁହେଁ । ତତ୍‌ସଂକ୍ରାନ୍ତରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ହ. ଉମର୍ ର.ଅଙ୍କ ଶାହାଦତ୍‌ର ଘଟଣା ବର୍ଣ୍ଣନା କରିଛନ୍ତି । ହ. ଉମର୍ ର.ଅ ନମାଜ ପଢୁଥିଲେ ମୁସଲମାନମାନେ ମଧ୍ୟ ନମାଜରେ ନିମଜ୍ଜିତ ଥିଲେ କି ଜଣେ ଦୁର୍ଜନ ବ୍ୟକ୍ତି ଏହା ଭାବିଲା ଯେ, ଏହି ସମୟଟି ଆକ୍ରମଣ କରିବା ପାଇଁ ପ୍ରକୃଷ୍ଟ ଅଟେ । ତେଣୁ ସେ ଆଗକୁ ଅଗ୍ରସର ହେଲା ଏବଂ ଛୁରୀ ମାଧ୍ୟମରେ ହ. ଉମର୍ ର.ଅଙ୍କ ଉପରକୁ ଆକ୍ରମଣ କଲା । (ପବିତ୍ର କୁରଆନ କରୀମ୍‌ରେ ଯୁଦ୍ଧ ଅବସରରେ ମୁସଲମାନମାନଙ୍କ ନିମନ୍ତେ ଏହି ନିର୍ଦ୍ଦେଶ ରହିଛି ଯେ,) ନମାଜ ସମୟରେ ମୁସଲମାନମାନଙ୍କ ମଧ୍ୟରୁ ଅର୍ଦ୍ଧ ମୁସଲମାନ ନମାଜ ପଢୁଥିବା ନମାଜ ପାଠକାରୀଙ୍କ ସୁରକ୍ଷା ପାଇଁ ପ୍ରହରା ଦେବା ଉଚିତ୍। କିନ୍ତୁ ତହିଁରୁ ଏହା ସାବ୍ୟସ୍ତ କରାଯାଇପାରେ ଯେ, କ୍ଷୁଦ୍ର ଉପଦ୍ରବକୁ ପ୍ରତିହତ କରିବା ପାଇଁ କେତେକ ବ୍ୟକ୍ତିଙ୍କୁ ନମାଜ ସମୟରେ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରି ଦିଆଯିବାଟା ଆପତ୍ତି ଯୋଗ୍ୟ କଥା ନୁହେଁ ବରଂ ଏହା ଉଚିତ ହେବ କି ଉପଦ୍ରବ ଓ ଆକ୍ରମଣକୁ କିପରି ପ୍ରତିହତ କରାଯାଇ ପାରିବ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ । ଉକ୍ତ ଘଟଣା ପରେ ସାହାବାମାନେ ଏହି ବ୍ୟବସ୍ଥା କଲେ ଯେ, ସେମାନେ ଯେତେବେଳେ ନମାଜ ପଢୁଥିଲେ ସେତେବେଳେ ସେମାନେ ସୁରକ୍ଷା ଦୃଷ୍ଟିରୁ ନିଜର ସୁରକ୍ଷା ନିମନ୍ତେ ପ୍ରହରୀମାନଙ୍କୁ ମୁତୟନ କରୁଥିଲେ ।

ହ. ଉମର୍ ର.ଅଙ୍କ ଉପରେ ୮୬,୦୦୦ ଦିର୍‌ହମ୍ ଋଣ ଥିଲା । ଏତେ ବଡ଼ ପରିମାଣର ଋଣ ସେ ନିଜ ପାଇଁ କରି ନଥିଲେ ବରଂ ଅଭାବି ଓ ଦିରିଦ୍ରମାନଙ୍କ ଉପରେ ହିଁ ଖର୍ଚ୍ଚ କରିଥିଲେ ଯାହାଫଳରେ ତାଙ୍କ ଉପରେ ଋଣ ପର୍ବତାକାରରେ ହୋଇଯାଇଥିଲା । ଋଣ ପରିଶୋଧ ସଂପର୍କରେ **କିତାବେ ୱଫା**ରେ ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି । ହ. ଇବ୍‌ନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଉମର୍ ର.ଅଙ୍କ ବିୟୋଗ ସମୟ ଯେତେବେଳେ ପାଖେଇ ଆସିଲା ସେତେବେଳେ ଆପଣଙ୍କ ଉପରେ ଋଣ ପରିଶୋଧ କରିବାର ଦାୟିତ୍ୱଟି ନ୍ୟସ୍ତ ହୋଇଥିଲା । ହ. ଉମର୍ ର.ଅ ନିଜର ସୁପୁତ୍ର ହ. ଅବ୍‌ଦୁଲ୍ଲାଃ ଏବଂ ହ. ହଫ୍‌ସାଙ୍କୁ ଡ଼କାଇଲେ ଏବଂ କହିଲେ ମୋ ଉପରେ ଅଲ୍ଲାଃତାଲାଙ୍କ ଅର୍ଥ ମଧ୍ୟରୁ କିଛି ଅର୍ଥ ଋଣ ଆକାରରେ ରହିଛି ଏବଂ ମୁଁ ଚାହୁଁଛି ଯେ, ମୁଁ ଅଲ୍ଲାଃତାଲାଙ୍କୁ ଏହି ଅବସ୍ଥାରେ ସାକ୍ଷାତ୍ କରିବି ଯେ, ମୋ ଉପରେ କୌଣସି ଋଣ ନଥିବ । ଅତଏବ ତୁମେ ଉକ୍ତ ଋଣକୁ ପରିଶୋଧ କରିବା ପାଇଁ ଏହି ଘରକୁ ବିକ୍ରି କରିଦେବ ଯହିଁରେ ମୁଁ ରହୁଥିଲି । ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ହ. ଉମର୍ ର.ଅଙ୍କ ବିୟୋଗ ପରେ ହ. ମୁଆୱିୟାଙ୍କ ନିକଟକୁ ଗଲେ ଏବଂ ମୁଆୱିୟା ହ. ଉମର୍ ର.ଅଙ୍କ ଘର କିଣି ନେଇଥିଲେ । ଯାହାକୁ **ଦାରୁଲ୍ କଜ଼ା** ବୋଲି କୁହାଯାଉଥିଲା । ଅବ୍‌ଦୁଲ୍ଲାଃ ବିନ୍ ଉମର୍ ନିଜର ସେହି ବାସ ଭବନକୁ ବିକ୍ରି କରିଦେଲେ ଏବଂ ହ. ଉମର୍ ର.ଅଙ୍କ ଋଣକୁ ପରିଶୋଧ କରିଦେଲେ । ଅତଏବ ଏହି ଘରକୁ **ଦାରୁଲ୍ କଜ଼ା ଦୈନେ ଉମର୍** ବୋଲି କୁହାଯିବାକୁ ଲାଗିଲା । ଅର୍ଥାତ ସେହି ଘର ଯାହାକୁ ବିକ୍ରି କରି ହ. ଉମର୍ ର.ଅଙ୍କ ଋଣ ପରିଶୋଧ କରାଯାଇଥିଲା ତାହାକୁ **ଦାରୁଲ୍ କଜା** ନାମରେ ନାମିତ କରାଗଲା । ହ. ଉମର୍ ର.ଅଙ୍କ ଜୀବନୀର ଆଲୋଚ୍ୟ ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି ଏହାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ଆଲୋଚନା କରିବି ।

KHULASA KHUTBA JUMA HUZOOR ANWAR a.b.a

15th October 2020

........................